
ବଣମଲ୍ଲୀର ମହକ
ଅକ୍ଟୋବର ଇ-ବୁକ ୨୦୨୧

# ଦିବ୍ୟ ସୃଜନର ସ୍ରୋତ – କୁମୁଦିନୀ ବେହେରା

October 2, 2021

ତୁମେ ପ୍ରଭୁ ମୋର ଚେତନା ପ୍ରେରଣା
ଦିବ୍ୟ ସୃଜନର ସ୍ରୋତ,
ବିନ୍ଦୁରୁ ବିସ୍ତୃତ ପାବନ ଅମୃତ
ବିଭୁ ପ୍ରେମ ରସାମୃତ ।

ହୁଅ ମୋ' ଗୀତର ସୁର ଛନ୍ଦ ଲୟ
ଶାଣିତ ଲେଖନୀ ଧାରା
ହୃଦୟରେ ଦିଅ ଭକ୍ତି ମନ୍ଦାକିନୀ
ମୁକ୍ତି କୈବଲ୍ୟ ପସରା ।

ମୋ ମନ ଦିଗନ୍ତେ ନବ ସୂର୍ଯ୍ୟୋଦୟ
ମୁକ୍ତିର ପୁଣ୍ଣ ଓଁକାର
ଅନ୍ତଃସ୍ୱରେ ଝରୁ ବିଭୁପ୍ରୀତି ଭାବ
ସତ୍ୟ ଶିବ ଓ ସୁନ୍ଦର

ମନ କାନନେ ମୋ' ମୃଦୁ ସମୀରଣ
ତୁମେ ମଧୁପ ଗୁଞ୍ଜନ
ଶୂନ୍ୟତାର ତୁମ ନିଃଶବ୍ଦ ଝଙ୍କାର
ତୋଳଇ ଭକ୍ତି ଭଜନ ।

ମୋ' ପ୍ରାତଃ ଧ୍ୟାନର ପ୍ରଥମ ଭାବନା
ଅମୃତର ଅଭିଳାଷ
ଜଡ଼ ଜୀବନେ ମୋ' ମିଳେ ସଞ୍ଜୀବନୀ
ପାଇ ତୁମରି ପରଶ ।

ଭରିଦିଅ ହୃଦେ ଶାନ୍ତିର ଅଭୟ
ଭାବମୟ ଭକ୍ତି ତାନ
ତୁମ୍ଭ ଅନ୍ୱେଷଣେ ଘଟୁ ମୋ' ବିଲୟ
ମୋକ୍ଷ ପାଉ ମୋ' ଜୀବନ ।

ଜାଣିଛି ହେ ପ୍ରଭୁ ଜୀବନଟା ଖାଲି
ଅନୁଭୂତି ବେଳାଭୂମି
ହୁଏ ମୁଁ ତୁମରି ଭକ୍ତିର ପୂଜାରୀ
ହୋଇ ତୁମ ଅନୁଗାମୀ ।

ହୁଏ ଆନ ପାଇଁ କଳ୍ପବଟଟିଏ
କର୍ମେ ହୋଇ ସଦାଚାରୀ
ଏହି ଅଭିଳାଷ ପୂରଣ କରନ୍ତୁ
ହେ ନାଥ ବିଶ୍ୱବିହାରୀ ।

ଲବଣର ଗୁଣ ଦିଅ ମୋର ହୃଦେ
ହଜାଇ ଦେବି ନିଜକୁ
ଆନନ୍ଦ ଓ ତୃପ୍ତି ବାଣ୍ଟି ଚାଲିଥିବି
ଧରାର ପ୍ରତି ପ୍ରାଣୀକୁ ।

ପ୍ରଦୀପ ଗୁଣକୁ କରି ମୁଁ ବହନ
ହେବି ଆଲୋକ ବର୍ତ୍ତିକା
ଦହନ ହୋଇ ମୁଁ ବହନ କରିବି
ଜ୍ୟୋତିବିନ୍ଦୁର ପେଟିକା ।।

କୁମୁଦିନୀ ବେହେରା, ଅନୁଗୋଳ

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ଭଗ୍ନ ବୀଣାର ସ୍ୱର – ବୀର କିଶୋର ନାୟକ

October 3, 2021



ଭଗ୍ନ ବୀଣାର ବେସୁରା ରାଗିଣୀ
ଛନ୍ଦ ହରାଇ ବାଜେ,
ନାହିଁ ମଧୁରତା, ନାହିଁ ଆକର୍ଷଣ
ଶୁଭେ ଯନ୍ତ୍ରଣାର ବିକଟ କ୍ରନ୍ଦନ
ହୃଦୟ ବିକଳେ ଖୋଜେ,
ସ୍ୱପ୍ନ ସବୁ ତ ଉଜୁଡି ଗଲାଣି
ଆଖିର ଲୁହ ହଜେ ।

କିଏ ଛଡାଇଲା ସକଳ ସୁଖ
ଦୁଃଖ ଭରିଲା ପ୍ରାଣେ,
ହାତେ ଧରାଇଲା ଭିକ୍ଷାର ଥାଳ
ବଞ୍ଚିବାର ରାହା ସକଳ ସମ୍ବଳ
ବଞ୍ଚିଛି ଶୂନ୍ୟେ ଶୂନ୍ୟେ,
ଯୁଆଡେ ଚାହେଁ ଦିଶେନା ଆଲୋକ
ଅନ୍ଧାର ଭରେ ମନେ ।

ଇଏ କି ଜୀବନ ହତାଶେ ଭରା
ମରୁଭୂମିର କାୟା,
ଦିବସର କ୍ଳାନ୍ତି ଲିଭେନା ନିଶିରେ
ପୁଣି ଚେଇଁଉଠେ ନିତି ପ୍ରଭାତରେ
ବଞ୍ଚିବାପାଇଁ ମାୟା,
ଦେଖେ ନିଜ ରକ୍ତେ ଅଶ୍ରୁର ଧାରା
ମୃତ୍ୟୁ କରାଳ ଛାୟା ।

ମାନବିକତାର ଦୁନ୍ଦୁଭି ବାଜେ
ମିଥ୍ୟାର ମୁଖାତଳେ,
ଆଶ୍ୱାସନାର ବାଣୀ ଶୁଣା ଯାଏ କେତେ
ନିଃସ୍ୱତା ଲୁଣ୍ଠନ ନେପଥ୍ୟେ ହୁଏ ସେତେ
କରେ ସେ ବାହୁବଳେ,
ତପ୍ତମନ ବିପ୍ଳବେ ଶାନ୍ତି ଖୋଜେ
ନିଃସ୍ୱ ଏକତା ତଳେ ।

ବୀରକିଶୋର ନାୟକ,
ଖଣ୍ଡବନ୍ଧ, ଢେଙ୍କାନାଳ

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ଜଳ ବନ୍ଦୀରେ ଜୀବନ – ଗୋପାଳ ଚନ୍ଦ୍ର ସାଓ

October 3, 2021



ଶୁଣିଛି…
ତୁମେ କୁଆଡେ ଜୀବନ
ହେଲେ ଏତେ ଗୁଡିଏ
ଜୀବନ ନେବାକୁ
କାହିଁକି ଘେରି ବସିଛ ହୋଇ
ଲଗାଣ ବର୍ଷା ଝଡି ତୋଫାନ..?

ଦେଖ…
ତୁମରି ପାଇଁ ତ
ଏଇ ଟିକିଏ ଆଗରୁ ଉଡୁଥିଲା
ସବୁଜ ନେତ
ବଢ଼େଇ ଦେଇଥିଲ ବୋଲି
ସମୟ ସମୟରେ ମିତର ହାତ
ହେଲେ କାହିଁକି ତୁମେ
ନଷ୍ଟ କରିବାକୁ ବସିଛ
ଚାଷୀର ହସ ଆଉ ଭବିଷ୍ୟତ…

ତମେ କ'ଣ ଆତଙ୍କି…?
ବନ୍ଦୀ କରି ରଖିଛ
ଏତେ ଏତେ ଧନ ଜୀବନ
କଣ ଚାହଁ ସରକାର
ନା ଅଭାବୀ ସଂସାର
ଅବା କିଛି ସମ୍ମାନ…!!!

ଶୁଣି ପାରୁଛି ଗର୍ଜନ
ଜାଣିପାରୁଛି ମୁଁ
ଦଖଲ କରି ନେଇଛ
ବଣ ପାହାଡ ଗାଁ ରୁ ସହର
ଭାଙ୍ଗି ଦେଇଛ ବାଟଘଟ
କୁହ ଏକି ତୁମ
ସବକ, ସଉକ ନା ଅହଂକାର…?

ଡାକିଦେବି
ଆମ ଶାସନ ବ୍ୟବସ୍ଥାକୁ
କହିବ କାରଣ
ନା ବାଛିଦେବ ଆମ ଭୁଲ୍
ସଜାଡ଼ିବାକୁ ହେବ
ଆଗାମୀ ଜୀବନ…

-ଗୋପାଳ ଚନ୍ଦ୍ର ସାଓ

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ପତ୍ନୀ ପ୍ରିୟତମା – ସତ୍ୟବାଦୀ ସାହୁ

October 3, 2021



ସ୍ନାନ ପୂର୍ଣ୍ଣିମାର ପବିତ୍ର ତିଥିରେ
ଚିରନିଦ୍ରା ଗଲ ଶୋଇ
ଫୁଲ କୋକେଇରେ କି ଲୋଭ ଲାଗିଲା
ଫେରିବାର ନାଁ ନାହିଁ।
ଆଖି ପାଣି ମୋର ଆଖିରେ ମଲାଣି
ଫେରନ୍ତା ବାଟକୁ ଚାହିଁ
ସ୍ନାନ ପୂର୍ଣ୍ଣିମାର ପବିତ୍ର ତିଥିରେ
ଚିର ନିଦ୍ରା ଗଲ ଶୋଇ।——-(୦)

ଶହେ ଆଠ ଗୋଟି କଳସ ଜଳରେ
ପ୍ରଭୁ କଲେ ମହାସ୍ନାନ
ଅଣସରଘର ପିଣ୍ଡିରେ ଶୋଇଲେ
ତେଜି ରତ୍ନାସିଂହାସନ।
ପ୍ରଭୁ ତ ଫେରିଲେ ରଥେ ବିଜେ କଲେ
ଭାଇ ଭଉଣୀଙ୍କୁ ନେଇ
ସ୍ନାନ ପୂର୍ଣ୍ଣିମାର ପବିତ୍ର ତିଥିରେ
ଚିରନିଦ୍ରା ଗଲ ଶୋଇ।———(୧)

ସ୍ୱର୍ଗଦ୍ୱାର ଠାରେ ନିଦ ଭାଜିଗଲେ
ଦେଖିବ କେ କେତେ ସାଥୀ
ଦୂରଦୂରାନ୍ତରୁ ଛୁଟି ଆସିଛନ୍ତି
ଲଭିବାକୁ ସ୍ୱର୍ଗ ଶାନ୍ତି।
ମାଟି ଅଗଣାରେ ଯେତେ ବି ଖୋଜିଲେ
ତମକୁ ପାଉଛୁ କାହିଁ
ସ୍ନାନ ପୂର୍ଣ୍ଣିମାର ପବିତ୍ର ତିଥିରେ
ଚିରନିଦ୍ରା ଗଲ ଶୋଇ।———(୨)

ସାଙ୍ଗସାଥୀ ପାଇ ଭୁଲିଯିବ ନାହିଁ
ଆତ୍ମୀୟସ୍ୱଜନ ଯେତେ
ଝୁରୁଛୁ ଝୁରିବୁ ସୂର୍ଯ୍ୟ ଚନ୍ଦ୍ର ନଭେ
ଥିବା ଯାଏଁ ଏ ଜଗତେ।
ହସୁଛ କି ସତେ ତାରାଙ୍କ ଗହଣେ
ସରଗପୁରରେ ଥାଇ
ସ୍ନାନ ପୂର୍ଣ୍ଣିମାର ପବିତ୍ର ତିଥିରେ
ଚିରନିଦ୍ରା ଗଲ ଶୋଇ।———(୩)

ନୀଳକନ୍ଦରର ମଥାରେ ଉଡୁଛି
ପତିତପାବନ ନେତ
ସ୍ୱର୍ଗଧାମେ ଥାଇ ଦୁଇ କର ଯୋଡ଼ି
କରୁଥିବ ପ୍ରଣିପାତ।
କହିବ ଗୋସାଇଁ ଆସିଛି ମୁଁ ଧାଇଁ
ମାୟା ବନ୍ଧନ ତୁଟେଇ
ସ୍ନାନ ପୂର୍ଣ୍ଣିମାର ପବିତ୍ର ତିଥିରେ
ଚିରନିଦ୍ରା ଗଲ ଶୋଇ।——(୪)

କରିଥିବି ଯଦି କିଛି ପୁଣ୍ୟ କର୍ମ
ଅର୍ଜିଥିବି କିଛି ଧର୍ମ
ଜନ୍ମ ମୃତ୍ୟୁ ଚକ୍ରୁ ମୁକ୍ତି ଦିଅ ପ୍ରଭୁ
ଲୋଡା ନାହିଁ ପୁନର୍ଜନ୍ମ
କାଣିଚାଏ ଦୟା ମୋ ଉପରେ କର
ସବୁ ପାପ ଯାଉ ଧୋଇ

ସ୍ନାନ ପୂର୍ଣ୍ଣିମାର ପବିତ୍ର ତିଥିରେ
ଦେଇଛ ଡୋରି ଲଗେଇ।——(୫)

ସତ୍ୟବାଦୀ ସାହୁ
ବଡଇଚ୍ଛାପୁର ,ଜଟଣୀ
ମୋ: ନଂ-୯୪୩୭୨୮୭୨୮୦

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ପ୍ରଭାତ ବନ୍ଦନା – ବୀର କିଶୋର ନାୟକ

October 3, 2021



କେଉଁ ଜନମର ପୁଣ୍ୟବଳେ ପ୍ରଭୋ
ପାଇଛି ଏ ମାଟି ସ୍ପର୍ଶ,
ଓଡିଶା ମାଟିରେ ଜନମ ଦେଇଛ
ତୁମେ ପ୍ରଭୁ ଜଗନ୍ନାଥ |0|
ସାର୍ଥକ ହୋଇଛି ଜୀବନ ମୋହର
ନିତି ଦରଶନେ ତୁମରି ପୟର
ତୁମରି କରୁଣା ଢାଳିଦିଅ ପ୍ରଭୋ
ସଂସାର ହେଉ ସୁଖଦ |1|
ଏ ବିଶ୍ୱ ଗଢିଛ କେତେ ଯତନରେ
ଆକାଶ, ସାଗର ଶ୍ୟାମ ସୁଷମାରେ
ପ୍ରକୃତିରେ ଯାଦୁ ଭରି ମୋହୁଅଛ
ମାୟା ନୁହେଁ ତୁମେ ସତ୍ୟ |2|
ବୁଝି ମୁଁ ପାରେନା ସୃଷ୍ଟିର ରହସ୍ୟ
ସବୁ ନରେ ସାମ୍ୟ ନରଖି ଗଢିଛ
କିଏ ରାଜା ଏଠି କିଏ ଭୁଞ୍ଜେ ଦୁଃଖ
ତୁମେ ତ ସବୁ ଦେଖୁଛ |3|
ସଂସାର ସାଗରୁ ପାରିକର ବାରେ
ଅନ୍ୟାୟ ଅନୀତି ଭାବ ଯାଉ ଦୂରେ
ଜଗତରେ ଶାନ୍ତି ଭ୍ରାତୃତ୍ୱର ପ୍ରୀତି
ଭରିଦିଅ ହୋଇ ପ୍ରୀତ |4|

ବୀରକିଶୋର ନାୟକ,
ଖଣ୍ଡବନ୍ଧ, ଢେଙ୍କାନାଳ |
ଫୋନ.8847842297

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ବିଚିତ୍ର ବିଶ୍ୱକର୍ମା – କୁମୁଦିନୀ ବେହେରା

October 4, 2021



ତୁମେ ପିତାମାତା ମୋ’ ଜନମଦାତା
ସଂସାରେ ଆଣିଲ ମୋତେ
ବିଶ୍ୱକର୍ମା ହୋଇ ଗଢ଼ି ଚାଲିଅଛ
ନିଖୁଣ ଭାବେ ଦାୟିତ୍ୱେ l

ବିଶ୍ୱକର୍ମା ମୂର୍ତ୍ତି ନିର୍ମାଣ କରିଲେ
ନିହାଣ ପ୍ରହାର ଦେଇ
ତୁମେ ଦୁହେଁ ମୋତେ ଗଢ଼ି ଚାଲିଅଛ
ନିଜ ଅଙ୍ଗେ କଷ୍ଟ ସହି l

ଜୀବନର ପରିଭାଷା ଶିଖାଇଲ
ଓଠରେ ମୋ’ ହସ ଦେଇ
ଜୀବନ ଜୀବିକା ପେସା ବେଉସାରେ
ପାଖେପାଖେ ମୋର ରହି l

ଅନ୍ତରଙ୍ଗତାରେ ସ୍ନେହଶ୍ରଦ୍ଧା ଛଳେ
ସଂସାର-ସାଗରସ୍ରୋତେ,
ଦିବ୍ୟ ଚେତନାର ସୂକ୍ଷ୍ମ କଳାକୃତି
ହୃଦେ ଭରୁଛ ନିରତେ l

ମୋ ଜଡ଼ ଜୀବନେ ତୁମ ଅନୁଦାନ
ଜୀବନ ସଂଚାର କରେ
ଅନ୍ତରୁ ଅନ୍ତର କରିନାହଁ କେବେ
ଅବିରତ ପ୍ରେମ ଝରେ l

ତୁମ ଅନୁଗ୍ରହେ ପାଇଛି ଜୀବନ
ଈଶ୍ୱରଙ୍କ ଦୂତ ହୋଇ
ହେଳା କରିନାହଁ ନିଜ କର୍ତ୍ତବ୍ୟରେ
ଅଛ ମୋ’ ଦାୟିତ୍ୱ ନେଇ l

ଆୟୁଷର ଧାରା ଐଶ୍ୱର୍ଯ୍ୟପସରା
ଅମୃତର ସପ୍ତସିନ୍ଧୁ
ମୋ’ ପାଇଁ ତୁମର ପ୍ରତିକ୍ଷଣେ ଝରେ
ଅମାପ ପ୍ରେମର ବିନ୍ଦୁ l

ମୋ ପାଇଁ ରକ୍ତକୁ ପାଣି କରିଦେଲେ
ସହି ଅମିତ ଯନ୍ତ୍ରଣା
ସଦାକାଳ ହେଲ ସୁରକ୍ଷାକବଚ
ଆଶା ନ ରଖି ପାଉଣା l

ସ୍ମରଣ ମାତ୍ରକେ ସେ ତ୍ୟାଗର କଥା
ଚହଲେ ମୋ’ ତନୁମନ
କାଣିଚାଏ ଋଣ ଯଦି ନ ଶୁଝିଲି
ଧିକ ମୋ’ ମଣିଷ ଜନ୍ମ l

ନିଃସ୍ୱାର୍ଥ ପ୍ରେମର ପ୍ରତିମୂର୍ତ୍ତି ତୁମେ
ଏ ବିଶ୍ୱ ଦରବାରରେ
ବିଶାଳ ହୃଦୟ ଜଳାଞ୍ଜଳି ଦିଅ
ପୁଣ୍ୟ ତ୍ୟାଗ ତିତିକ୍ଷାରେ l

କି ଦେଇ ଶୁଝିବି ଯା’ ପ୍ରେମ -ତଟିନୀ
ସର୍ବଦା ମୋ’ ପାଇଁ ଝରେ ?
ବିଚିତ୍ର ସେ ବିଶ୍ୱକର୍ମାଙ୍କୁ ପ୍ରଣାମି
ଶରଣ ପଶେ ପୟରେ l



# ରାମନାମ ନଯାଆ ଭୁଲି – ରଙ୍ଗନାଥ ରଥ

October 6, 2021



ମୂଢ଼ ମନ ଦୃଢ଼େ ଧରି ରାମନାମ ନଯାଆ ଭୁଲି
କୁଢ଼ କୁଢ଼ ପାପ ତୋର
ରୁଢ଼ ପରି ଯିବ ଚାଲି ।। ୦ ।।

ନାମାମୃତ ପାନ କରି କେତେ ପାପୀ ଗଲେ ତରି
କଳିକାଳେ ଗତି ନାହିଁ
ସେହି ତୋ ପ୍ରାଣ ସଙ୍ଗାଳି ।। ୧ ।।
ମୂଢ଼ ମନ ଦୃଢ଼େ ଧରି…

ନାମରତ୍ନ ଗଳାମାଳ ପିନ୍ଧି ପକାଅ ସଅଳ
ଯେତେ ପାପ ସବୁ ସିନା
ସେ ନେବ ତାକୁ ସମ୍ଭାଳି ।। ୨ ।।
ମୂଢ଼ ମନ ଦୃଢ଼େ ଧରି…

ଘନ ଅନ୍ଧାରେ ପ୍ରଦୀପ ରାମନାମ ଥରେ ଜପ
ଜ୍ଞାନାଲୋକ ଉଦେ ହୋଇ
ଯିବ ଅନ୍ତରୁ ଉଚ୍ଛୁଳି ।। ୩ ।।
ମୂଢ଼ ମନ ଦୃଢ଼େ ଧରି…

ସେ ନାମ କେଡ଼େ ମଧୁର କର୍ଣ୍ଣପୁଟେ ଘେନା କର
ଆନନ୍ଦେ ହୋଇ ବିଭୋର
ପହଞ୍ଚିବୁ ଦିବ୍ୟସ୍ଥଳୀ ।। ୪ ।।
ମୂଢ଼ ମନ ଦୃଢ଼େ ଧରି ରାମନାମ ନଯାଆ ଭୁଲି…

ଗୀତିକାର – ଶ୍ରୀ ରଙ୍ଗନାଥ ରଥ
ବଡ଼ଗଡ଼ ବ୍ରିଟ୍, ଭୁବନେଶ୍ୱର

# ଗୁରୁ ଦକ୍ଷିଣା – ବାସନ୍ତୀଲତା ଜେନା

October 8, 2021



ଆର୍ଯ୍ୟ ପରମ୍ପରା ସଂସ୍କୃତି ସମ୍ପନ୍ନ
ପୂଜ୍ୟ ପୂଜାର ସମ୍ଭାର
ଗୁରୁ ଶିଷ୍ୟ ମଧ୍ୟେ ଅତୁଟ ସମ୍ପର୍କ
ଜ୍ଞାନ ଦାନ ଶିକ୍ଷଣର l

ଅଜ୍ଞାନ ଅନ୍ଧାର ଦୂର କରି ଦ୍ୟନ୍ତି
ଗୁରୁ ଦେଇ ବିଦ୍ୟା ଦାନ
ବର୍ଷ ବର୍ଷ ଶିଷ୍ୟ ଗୁରୁ ଆଶ୍ରମରେ
ବିତାଇ ଦିଅନ୍ତି ଦିନ l

ସୁଚରିତ୍ର କରି ଛାତ୍ରକୁ ଗଢ଼ନ୍ତି
ନୀତି ଧର୍ମ ଶିକ୍ଷା ଦେଇ
ନିଃସ୍ୱାର୍ଥର ସେବା ଉତ୍ତମ ଲକ୍ଷଣ
ତାକୁ ନ ଭୁଲିବ କେହି l

ବିଦ୍ୟା ଶେଷ ହେଲେ ଗୁରୁ ଆଶ୍ରମରେ
ଦିଅନ୍ତି ଗୁରୁ ଦକ୍ଷିଣା
ଗୁରୁ ସନ୍ଦୀପନି କୃଷ୍ଣଙ୍କୁ ମାଗିଲେ
ମୃତ ପୁତ୍ରର ପାଉଣା l

ଶବର ବାଳକ ଏକଲବ୍ୟ ଶିଷ୍ୟ
ଦ୍ରୋଣକୁ ଗୁରୁ କରିଲେ
ଗୁରୁଙ୍କ ଆଦେଶେ ବୃଦ୍ଧାଆଙ୍ଗୁଠି କାଟି
ଦକ୍ଷିଣା ସ୍ୱରୂପ ଦେଲେ l

ଆଦର୍ଶ ଗୁରୁତ୍ୱ ରାଧାକୃଷ୍ଣ ଥିଲେ
ଅର୍ପିଲେ ଜନ୍ମ ଦିବସ
ସମସ୍ତ ଗୁରୁଙ୍କ ପୂଜାର ସକାଶେ
ଶିଷ୍ୟ ହୁଅନ୍ତି ହରଷ l

ଗୁରୁ ଦ୍ରୋଣାଚାର୍ଯ୍ୟ ଦକ୍ଷିଣା ମାଗିଲେ
ଦ୍ରୌପଦଙ୍କୁ ବନ୍ଦୀ କର
ପାଞ୍ଚ ପାଣ୍ଡବ ଯେ ଗୁରୁ ଦକ୍ଷିଣାରେ
ଅର୍ପିଲେ ତାଙ୍କୁ ସତ୍ୱର l

ଗୁରୁ ଦିବ୍ୟ ଜ୍ୟୋତି ଆଲୋକ ବର୍ତ୍ତିକା
ହୃଦୟରେ ତାଙ୍କ ସ୍ଥାନ
ପ୍ରତି ଉପଦେଶ ପ୍ରଗତିର ସ୍ଥାନ
ଚରଣେ କରେ ପ୍ରଣାମ l

ଗାନ୍ଧିନଗର, ପୋଷ୍ଟ/ ଜିଲ୍ଲା : ନବରଙ୍ଗପୁର

# ଜୀବନର ମୃଦୁ ବାର୍ତ୍ତାଳାପ – କୁମୁଦିନୀ ବେହେରା

October 9, 2021



ଏ ଜୀବନ ପରା ତୈଳଚିତ୍ରଟିଏ
ପ୍ରତି କାବ୍ୟନାୟକର
କଳ୍ପନା କୁମାରୀ ଭାବ ଅସୁମାରି
ରାଜବଧୂ ବୈଶାଳୀର ।

ଜୀବନଟା ଏକ ଅମାବାସ୍ୟା ରାତି
ଜହ୍ନ ସ୍ମୃତି ଗନ୍ତାଘର
ଜୀବନଟା ଏକ ବର୍ଣ୍ଣାଳି ସନ୍ଧ୍ୟା
ପ୍ରୀତିର ମେଘମହ୍ଲାର ।

ଜୀବନଟା ଏକ କୁଆଁରୀ ଓଠର
ଚାରୁ ଚନ୍ଦ୍ରକଳା ହସ
ଏ ଜୀବନ ଏକ ବିରହିଣୀ ପ୍ରିୟା
ଅସୁମାରି ଦୀର୍ଘଶ୍ୱାସ ।

ଜୀବନଟା ଏକ ଲୁଚକାଳି ଖେଳ
ସପନର ବାଲିଘର
ଜୀବନଟା ପରା ତାଳ, ଲୟ, ଛନ୍ଦେ
ସଙ୍ଗୀତର ସାତ ସୁର ।

ଜୀବନଟା ଏକ ଅଧାଲେଖା ଚିଠି
ଲେଖିଲେ ସରଇ ନାହିଁ
ଅକୁହା କାହାଣୀ ଅଟେ ଏ ଜୀବନ
ଆରମ୍ଭ କି ଶେଷ ନାହିଁ ।

ଜୀବନଟା ଏକ ଅନୁରାଗ ଭରା
ଦୁଇ ହୃଦୟ ଝଙ୍କାର
ଏ ଜୀବନ ରଙ୍ଗମଞ୍ଚ ଅଭିନେତ୍ରୀ
ନର୍ତ୍ତକୀ ରଙ୍ଗଶାଳାର ।

ଜୀବନଟା କେଉଁ ଯମୁନା ତୀରରେ
ରାଈର ଦି’ ଟୋପା ଲୁହ
ଏ ଜୀବନ କେଉଁ ଆଷାଢ଼ ରାତିରେ
ଦରଦୀ ଯକ୍ଷର କୋହ ।

ଜୀବନଟା ଖାଲି ସାଗର ବେଳାର
ଭଙ୍ଗାଗଢ଼ାର ଜୁଆର
ବେଳାଭୂମି ଯା’ର ନିରେଖି ଦେଖିଛି
ଲୁକ୍କାୟିତ ଅଭ୍ୟନ୍ତର ।

ଅର୍ଦ୍ଧବିକଶିତ କଳି ଏ ଜୀବନ
ପାଖୁଡ଼ାର ସମାହାର
ପୁଣି ନିୟତିର ଅନୁକ୍ରମଣିକା
ସଭ୍ରମ ବିଧାତାଙ୍କର ।।

କୁମୁଦିନୀ ବେହେରା, ଅନୁଗୋଳ

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ମୁଁ କରୋନା – ଶୁଭକାନ୍ତ ସାହୁ

October 9, 2021



ମୁଁ କରୋନା
କାଳଚକ୍ରର ମହାକାଳ
ପ୍ରକୃତିର ହଳାହଳ
ଆଉ ତାର ରୁକ୍ଷାନଳ
ବୁଝି କି ପାରୁନା!
ମୁଁ କରୋନା।
ସୂକ୍ଷ୍ମାତି ସୂକ୍ଷ୍ମାବୟବ
ବଦଳାଏ ରୂପ ନବ ନବ
ସୂକ୍ଷ୍ମ ସିନା ସ୍ବରୂପ ମୋହର
ପ୍ରକୃତି ମୋ ଭୀମ ଭଇରବ
ଜାଣି କି ପାରୁନା!
ମୁଁ କରୋନା।
ବାୟୁ,ଜଳ, ସ୍ଥଳ
ସର୍ବତ୍ର ମୋ ଖେଳ
ତୁମ ଅସାବଧାନପଣ ମୋର ବଳ
କେମିତି ଜାଣନା?
ମୁଁ କରୋନା।
ବିଶ୍ୱ ଆଜି ଥରହର
ମନରେ କୋକୁଆ ଡ଼ର
କେ ତୁମକୁ କରିବ ଉଦ୍ଧାର
ତ୍ରାହି ତ୍ରାହି ବୋଲି ତୁମେ
ଯେତେ ବି ଡ଼ାକନା।
ମୁଁ କରୋନା।
ଆପେ ମଣି ଶ୍ରେଷ୍ଠ
କଲ ନଷ୍ଟ ଭ୍ରଷ୍ଟ
ପ୍ରକୃତିର ଯାବତ ଅନିଷ୍ଟ
କେତେ ଆଉ ସହିଥାନ୍ତା
ମାନବ ତାଡନା?
ମୁଁ କରୋନା।
ଏବେ ଦେଖ ମୋର ରୁଦ୍ର ରୂପ
ମୁଁ ସେ ହି ପ୍ରକୃତି କୋପ
କି କରିବ ତୁମ ଗୁଳି ଗୋଳା ତୋପ
ତୁମକୁ ହିଁ କରି ଥୋପ
ମେଣ୍ଟାଇବି ମୋ କାମନା।
ମୁଁ କରୋନା।
ଆବାଳ ବୃଦ୍ଧ ବନିତା
ଜାତି, ଧର୍ମ, ବର୍ଣ୍ଣ ବିଭେଦତା
କିଏ ବା ଫକୀର ଅବା
କିଏ ସିଂହାସନ ଅଧିଷ୍ଠାତା।
ମୁଁ କିଛି ଦେଖେନା।
ମୁଁ କରୋନା।
ଦୟା, ଧର୍ମ, ମୋହ କି ମମତା
ସ୍ତ୍ରୀ,ପୁତ୍ର, କନ୍ୟା ଅବା ପିତା
ଅୟସେ କେ ବଞ୍ଚିଥାଏ
ନିତି ନିତି କିଏ ବା ହୀନସ୍ଥା
ମୁଁ କିଛି ବାଛେନା।
ମୁଁ କରୋନା।
ଅହରହ ଜଳାଉଛି ଯୁଇ
ତଥାପି ତ ବେଫିକର୍ ହୋଇ
କେମିତି ବୁଲୁଛ ଯାଇ
ବିନା ତୁଣ୍ଡିରେ ଫେରୁଛ
ହାତ ବି ନ ଧୋଇ
ଚେଇଁ କି ଶୁଅନା?
ମୁଁ କରୋନା।
ମାସ୍କ ଆଉ ହାତଧୁଆ ଅସ୍ତ୍ର

ଦେଖିଲେ ମୁଁ ହୁଏ ଭୀତତ୍ରସ୍ତ
ଆବେଗରେ ଯୋଡ଼ି ଥାଅ ଯଦି
ସାମାଜିକ ଦୂରତ୍ବ ସହିତ
ଅସ୍ତ ହେବ ମୋ ଜୀବନ ସୂର୍ଯ୍ୟ
ହରାଇବି ମୋହର ଅସ୍ତିତ୍ବ
ସତରେ ଜାଣନା?
ମୁଁ କରୋନା

ଶୁଭକାନ୍ତ ସାହୁ
ଦେଉଳପଲ୍ଲୀ, କଳମ୍ବ, ପୋଲସରା, ଗଞ୍ଜାମ
ପିନ୍:୭୬୧୧୦୫
ମୋ: ୯୮୬୧୭୩୨୨୫୬



# ମୋ ଗାଁ – ସୁଧାକର ସେଠୀ

October 9, 2021



ମୋ ଗାଁ
କିସୁନ୍ଦର ତା ନା
ଜନମି ଏଇଠି
କୁଆଁ କୁଆଁ ରାବେ କମ୍ପାଇଛି ମାଟି
ସବୁ କଥାରେ ସେ ସାହା
ମୋ ଗାଁ
କିସୁନ୍ଦର ତା ନା।

ଏ କୋଳ ସେ କୋଳ
ହୋଇ ବଢ଼ିଲି
କୁନି କୁନି ପାଦ ଥାପି ଚାଲିଲି
ଦେହ ହାତ ମୋର ଶିହରି ଗଲା
ଲଭି ତା ପ୍ରଥମ ଛୁଆଁ ।
ସେଇ ମୋ ଗାଁ
କିସୁନ୍ଦର ତାର ନା

ସଭିଙ୍କ ସ୍ନେହ ସଭିଙ୍କ ପରସ
ପିଲାଦିନରେ ଭରିଲା ହରସ
ହସଖୁସିରେ ବିତିଲା ସେ ଦିନ
ନଥିଲା ମନେ ଦକା।

ଜେଜେ ମା ଥିଲା
ମାର୍ଗ ଦର୍ଶକ
ସାଥିରେ ନେଇ
ବୁଲୁଥିଲା ଦେଶ
ତାର କଥା ଶୁଣି ଅନେକ
ହେଲି ମୁଁ ଗୋଡେ ଠିଆ।
ମୋ ଗାଁ
କିସୁନ୍ଦର ତା ନା।

ତା ପୁନେଇ ତା ଯାତ
ମନରେ ଭରେ କେତେ ପୁଲକ
ରାତି ସାରା ଅନିଦ୍ରାରେ ବିତେ
ହେଲେ ଯେବେ ଦୋଳଯାତ ।

ରାଧାକୃଷ୍ଣଙ୍କ ମହାମିଳନ
ଦିନରେ ଖେଳନ୍ତି ହୋଲି
ହୋଇ ଏକଯୁଟ ଗାଁ ଯୁବକ
ବୁଲନ୍ତି ସାରା ଗାଁ
ହାତେ ଧରି ରଙ୍ଗ ପିଚିକାରୀ।

ଜାଗର ରାତି ଦିଏ ସେ ଭିତି
ପିଲା ଦିନର ଅଭୁଲା ସ୍ମୃତି
ପଡୁଛି ଆଜି ମନେ
ଗାଁ ଟି ଲାଗେ ସରଗ ଭୂଇଁ
ତା ସମ ଅଛି କିଏ।

ହରିହାଟର ନଗର କିର୍ତ୍ତନ
ଯେବେ ଗାଁରେ ବୁଲେ
ପିଲାଠାରୁ ବୁଢା ଯାଏ
ଘରେ ଦେଖା ନମିଳେ।

କୂଆଁର ପୂନେଇ ଯାତରେ
ଗାଁ ଟା ସାରା ହସଖୁସିରେ
ରାତି ବିତି ଯାଏରେ।

ଯେତେ ପରବ ଯେତେ ଓଷା
ପାଳୁ ଆମେ ସବୁ ହରସରେ
ଗୋଟିଏ ମନ ଗୋଟିଏ ପରାଣ
ଥାଏ ଆମ ଭିତରେ ।

ନାହିଁ ଝଗଡା ନାହିଁ କଜିଆ
ନାହିଁ ଏଠି ଅଶାନ୍ତି
ହସ ଖୁସିରେ କଟେ ସମୟ
ନଥାଏ ଭୟ ଭୀତି।

ଥିଲେ କିଛି ଆସୁବିଧା
ମେଣ୍ଟିଯାଏ ନିଜ ଭିିତରେ
ସ୍ନେହ ଶରଧାର ଥାଏ ଏମିତି ଡୋର
ସମାଧାନ ହୁଏ ସହଜରେ।

ଦୁରୁ ଦେଖିଲେ ଗାଁଟି ମୋର
ଲାଗେ ସତେ ନବବଧୁ
ତାଳ ତମାଳ ସିଛିରେ ଶୋହେ
ପାଦ ଧୁଏ ଯାର ସିନ୍ଧୁ।

ଚୋର ଖଣ୍ଡକୁ ଦୁରୁ ଜୁହାର
ମଡନ୍ତିନି ଆମ ମାଟି
ଜମ୍ବେଶ୍ବର ପୁରୁ ନାଁ ଶୁଣିଲେ
ଶହେ ଜୁହାର ପକାନ୍ତି।

ଗାଁ ଶମସାନ ପବିତ୍ର ସ୍ଥାନ
ମୁକ୍ତି ପଥ ଆମର
ସେପଟେ ଗଲେ ଲୋତକ ଝରେ
ଦେଖି ସମାଧି ପୂର୍ବ ପୁରୁଷର।

ଚେତେଇ ଦିଏ ଜିବନ ଗାଥା
ସେତ ଅଟେ ଅଳିକ
ମିଛର ଥାଟ ପ୍ରଶଂସାର ଗର୍ବ
ମନରୁ କର ଶେଷ।

ଆମ ଯୁବକ ଆମ ସାହାସ
ଏକଯୁଟ ଥାଆନ୍ତି
ପୁନେଇ ପରବ ଯାନି ଯାତରେ
ଶାନ୍ତି ବଜାଇ ରଖନ୍ତି ।

ଖେଳ ପଡିଆ ଭାରି ବଢିଆ
ଗାଁ ଶେଷ ମୁଣ୍ଡରେ
କେତେ ପ୍ରକାର ଖେଳ ଖେଳୁ
ସାଙ୍ଗ ସାଥି ମେଳରେ ।

ବହୂଚୋରି ଅବା ଦାଣ୍ଡିଆ
ଗୋଟି ଡାବୁଲକୁ ପତ୍ର ଡିଆଁ
କେତେ ପ୍ରକାର ଖେଳିଛୁ
ଦ୍ବିପ୍ରହର ସାରା ବରଗଛ ମୂଳେ
ଆଲି ଗଡାଇଛୁ ।

ଏସବୁ ଖେଳ ଜାଗା ଏବେ
ନେଇଛି କିରିକେଟ
ଗାଁକୁ ଗଲେ ପିଲାଙ୍କ ସହ
ପଡିଆରେ ହୁଏ ଭେଟ।

ଗାଁଟି ମୋର ଧିରେ ଧିରେ
ବଦଳି ଚାଲିଛି
ଝାଟି ମାଟି ଘର ସବୁ
ଏବେ ପକ୍କା ହେଉଛି
ଆସମତୁଲ ରାସ୍ତା ଏବେ
ହେଉଛି ସମତୁଲ
ଘରେ ଘରେ ଚମୁକଛି
ଏବେ ବିଜୁଳି ଆଲୁଅ।

ନଡା ଛପର ସ୍କୁଲଟି ମୋର
ହୋଇଛି ପକ୍କାଘର
ଜାତି ଜାତିର ଫୁଲଗଛରେ
ତା ଅଗଣା ଭରପୁର।

ବାବା
ଜମ୍ବେଶ୍ବରନାଥ ଜଗିଛନ୍ତି
ଗାଁର ପ୍ରବେଶ ପଥ
ମା କାଳିକୁମର ଗ୍ରାମ ଦେବତୀ
ଦିଅନ୍ତି ସଭିଙ୍କୁ ଆଶିଷ

ବଡ ପ୍ରତକ୍ଷ୍ୟ ବଡ ପ୍ରତାପୀ
ତାଙ୍କର ଅପାର ମହିଁମା
କରୁଣା ତାର ଲଭେ ଯେ ନର
ହଟେ ତାର ଦୁଃଖ ସୀମା ।

ହରିଆଟଘର ଗାଁ ମଝିରେ
କିସୁନ୍ଦର ତାର ଥାଟ
ପ୍ରତି ସନ୍ଧ୍ୟାର ଭାଗବତ ପାଠରେ
ହୁଏ ସଭିଁଙ୍କ ଭେଟ ।

ଅଧେରୁ ବେଶି ମୋ ଗାଁର
କରନ୍ତି ଚାଷ କାମ
ଯାହା ମିଳଇ ହୁଅନ୍ତି ଖୁସି
ସୁଖରେ ବିତାନ୍ତି ଦିନ

ପିଲାଦିନଟି ବିତିଛି ମୋର
ଲଭି ସଭିଙ୍କ ସ୍ନେହ ଶରଧା
ସେଇ ଆଶିଷେ ଚାଲିଛି ପଥ
ଆସିନି କିଛି ବାଧା

ବୈକୁଣ୍ଠ ପରି ଲାଗେ ମୋ ଗାଁ
ମରତେ ସରଗ ଭୂଇଁ
ଗାରିମା ତାର ଅମୂଲ ମୂଲ
ଦେଇ କେ ପାରିବ ନାହିଁ।

ଜମ୍ବେଶ୍ବରପୁର,ବାଲେଶ୍ବର
ଦୁରଭାଷ-୯୩୩୭୬୮୧୫୨୪

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ଦାର୍ଢ୍ୟତାଭକ୍ତି କଥାମୃତ ଗଙ୍ଗାଧର ଦାସ ସମ୍ବାଦ – ଘନଶ୍ୟାମ ସାହୁ

October 9, 2021



"ତୁମେ ଆଉ ମନଦୁଃଖ କରନାହିଁ ଶ୍ରୀୟା । ଆମ ଭାଗ୍ୟରେ ତ ସନ୍ତାନ ସୁଖ ନାହିଁ । ଆମେ ଚାହିଁଲେ କ'ଣ ବା କରି ପାରିବା ? ସବୁ ସେଇ ପ୍ରଭୁ ଜଗନ୍ନାଥଙ୍କ ଇଚ୍ଛା । ସେ ଚାହିଁଲେ ଆମର ଦୁଃଖ ଦୂର ହୋଇ ପାରିବ । ଆମେ ତ ତାଙ୍କରି ଆଶ୍ରା ରେ ଅଛନ୍ତି ।"ଏହିପରି ନିତି ପତ୍ନୀ ଶ୍ରୀୟା ଙ୍କୁ ବୁଝାଇଥାନ୍ତି ଗଙ୍ଗାଧର । ପତ୍ନୀ ଙ୍କ ସବୁଦିନ ସେହି ଗୋଟିଏ ଅଭିଯୋଗ ," ସାଇପଡିଶା ଙ୍କ ଟାହି ଟାପରା ଆଉ ସହି ହେଉନି । ତୁମେ ଭଲ ଗରିବ ବ୍ରାହ୍ମଣ ପିଲାଟିଏ ଆଣି ବ୍ରତ କର କିମ୍ବା ଆଉ କୌଣସି ଗରିବ ପିଲା କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କର ।" "ହେଉ ଦେଖିବା"କହି ସମୟ ଗଡ଼ାଇ ଚାଲନ୍ତି ସ୍ୱାମୀ ଗଙ୍ଗାଧର ଦାସ । ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟର କଥା । ପୂଣ୍ୟ ପୁରୁଷୋତ୍ତମ କ୍ଷେତ୍ର ଠାରୁ ଅନତିଦୂରରେ ଥିବା ଗ୍ରାମ ଗୋବିନ୍ଦପୁରର ବାସ କରୁଥିଲେ ବଣିଆ ସମ୍ପ୍ରଦାୟର ଗଙ୍ଗାଧର ଦାସ । ଏକମାତ୍ର ପତ୍ନୀ ଶ୍ରୀୟା ଛଡ଼ା ଦୁନିଆଁରେ ତାଙ୍କର ନିଜର ବୋଲି ଆଉ କେହି ନଥିଲେ । କେବଳ ପ୍ରଭୁ ଜଗନ୍ନାଥ ହିଁ ତାଙ୍କ ନିଜର ବୋଲି ସେ ଭାବୁଥିଲେ । ବିଭିନ୍ନ ଚେରମୂଳି ଜିନିଷର ଦୋକାନ ଟିଏ ପୂର୍ବ ପୁରୁଷ ଙ୍କ ଜୀବିକା ହିସାବରେ ଚଳାଇ ଯାହା କିଛି ପାଆନ୍ତି ସେଥିରେ କଷ୍ଟେମଷ୍ଟେ ଚଳି ଯାଉଥିଲେ ସେମାନେ। ଅଭାବ କହିଲେ ସେଇ ଗୋଟାଏ ଅଭାବ ଥିଲା ଯେ ତାଙ୍କର କୋଳରେ ସନ୍ତାନ ଟିଏ ଭଗବାନ ଦେଇ ନାହାନ୍ତି । ଉଭୟ ଭାରି ଧର୍ମ ପରାୟଣ । ଠାକୁରଙ୍କୁ ସେବାପୂଜା ନ କରିବା ଯାଏ ସେ ଜଳ ମଧ୍ୟ ସ୍ପର୍ଶ କରୁନଥିଲେ । ତାଙ୍କ ଦୁଆର ରୁ ଦୁଃଖୀରଙ୍କୀ ,ଯୋଗୀ ଭିକାରୀ କେହି କେବେ ଖାଲି ହାତରେ ଫେରୁ ନଥିଲେ । ସାଧୁ ସନ୍ଥ ମାନଙ୍କ ପ୍ରତି ସେମାନଙ୍କର ଭକ୍ତି ଭାବ ଥିବାରୁ ଗ୍ରାମ କୁ ଯେଉଁ ସାଧୁ ସନ୍ୟାସୀ ମାନେ ଆସୁଥିଲେ ପ୍ରାୟ ଏହି ଗଙ୍ଗାଧର ଦାସ ଙ୍କର ହିଁ ଆତିଥ୍ୟ ଗ୍ରହଣ କରୁଥିଲେ । ହେଲେ ନିଃସନ୍ତାନ ଥିବାରୁ ଗଙ୍ଗାଧର ଙ୍କ ପତ୍ନୀ ଶ୍ରୀୟା ସବୁବେଳେ ଉଦାସ ରହୁଥିଲେ । ଚାହୁଁ ଚାହୁଁ ସେମାନେ ବାର୍ଦ୍ଧକ୍ୟ ରେ ଉପଗତ ହେବାରୁ ଚିନ୍ତା ଆହୁରି ବଢ଼ିବାକୁ ଲାଗିଲା । ଅପୁତ୍ରିକ ଅବସ୍ଥାରେ ଏମିତି କେଉଁ ଦିନ ଯେ ପ୍ରାଣ ଚାଲିଯିବ କହିହେବ ନାହିଁ । ତାଙ୍କ ପିଣ୍ଡରେ ପାଣି ଦେବାକୁ କେହି ନାହିଁ । ନିତି ସ୍ୱାମୀ ଗଙ୍ଗାଧର ଙ୍କ ନିକଟରେ ସେ ସେଇ ଏକ ପ୍ରକାର ଅଭିଯୋଗ ହିଁ କରୁଥିଲେ । ଦିନେ ଗଙ୍ଗାଧର ଗୋଟିଏ ରୂପକାର ପାଖରୁ ବାଳଗୋପାଳ ଙ୍କର ମନୋରମ ପ୍ରତିମା ଟିଏ କିଣି ପତ୍ନୀ ଶ୍ରୀୟା ଙ୍କୁ ଦେଇ କହିଲେ,"ଏହି ଶିଶୁକୁ ଆଜିଠାରୁ ଆମ ପୁତ୍ର ବୋଲି ଗ୍ରହଣ କର । ଏହା କୁ ପୁତ୍ର ରୂପେ ପାଇବାପାଇଁ ମୁନି ଋଷି ମାନେ ମଧ୍ୟ ତପସ୍ୟା କରନ୍ତି ।ଇଏ ଆମର ସନ୍ତାନ ।ଆଉ ଜମା ରୁ ମନ ଦୁଃଖ କର ନାହିଁ ।" ସେଇ ଦିନରୁ ସେମାନଙ୍କ ଧ୍ୟାନ କେବଳ ସେଇ ବାଳ ଗୋପାଳ ଙ୍କ ଉପରେ ରହିଲା । ତାକୁ ଶିଶୁ ପରି ଲାଳନ ପାଳନ କରି ସେମାନେ ପୁତ୍ର ସୁଖ ପ୍ରାପ୍ତ କଲେ । କ୍ଷଣେ ନ ଦେଖିଲେ ପତ୍ନୀ ଶ୍ରୀୟା ବାୟାଣୀ ହୋଇ ଯାଉଥିଲେ । ଯେଉଁ ଆଡେ ଗଲେ ମଧ୍ୟ ସଙ୍ଗରେ ପ୍ରତିମା କୁ ନେଇ ଯାଉଥିଲେ । ସାଇପଡିଶା ସ୍ତ୍ରୀ ଲୋକ ମାନଙ୍କ ଆଖିରେ ସେ ବାୟାଣୀ ବୋଲି ପରିଚିତ ହେଲେ । ସେମାନଙ୍କ କଥାକୁ ଭ୍ରୂକ୍ଷେପ କରୁନଥିଲେ ପତିପତ୍ନୀ । ସେମାନେ ନିଜ କର୍ତ୍ତବ୍ୟ କରି ଚାଲିଥିଲେ ।କାରଣ ସେମାନେ ଭଗବତ୍ ବିଶ୍ବାସୀ ଥିଲେ । ଭଗବାନ ନିଜେ ଭକ୍ତ ଉଦ୍ଧବଙ୍କୁ କହିଥିଲେ,"କର୍ମ ମୋହର ନିଜ ଗୁରୁ ,ଉଦ୍ଧବ କେତେ ମୁଁ ପଚାରୁ ।" କୃଷ୍ଣ ଙ୍କ ସେହି ପ୍ରତିମା କୁ ପ୍ରତିମା

ବୋଲି ମାନୁ ନଥିଲେ ଦୁଇ ପତିପତ୍ନୀ । ତାଙ୍କୁ ସେମାନେ "ଗୋପାଳ" ନାମରେ ଡାକୁଥିଲେ ।ନିଜ ପୁତ୍ର ଭାବି ତାକୁ ନ ଦେଖିଲେ ସେମାନେ ଦୁଃଖ ରେ ଭାଙ୍ଗି ପଡୁଥିଲେ ।

ଥରେ ନିଜ କାର୍ଯ୍ୟ ସମ୍ପର୍କରେ ଗଙ୍ଗାଧରଙ୍କୁ ଗ୍ରାମ ଠାରୁ ଦୂର ସ୍ଥାନକୁ ଯାତ୍ରା କରିବାକୁ ପଡିଲା । ଦୂର ସ୍ଥାନରେ ଥିଲେ ସୁଦ୍ଧା ତାଙ୍କ ଆଖି ଆଗରେ ଗୋପାଳ ଙ୍କ କମନୀୟ ରୂପ ଝଲସି ଉଠୁଥିଲା । ସେ କାର୍ଯ୍ୟ ସାରି ଶୀଘ୍ର କିପରି ଘରେ ପହଞ୍ଚିବେ ସେଥିପାଇଁ ବ୍ୟଗ୍ର ହୋଇ ପଡୁଥିଲେ । ସେ ଯାହା ହେଉ ନା କାହିଁକି କାର୍ଯ୍ୟ ସରିବା କ୍ଷଣି ସେ ନିଜ ଘରକୁ ଫେରିବାକୁ ମନସ୍ଥ କଲେ । ସନ୍ଧ୍ୟା ଆଗତ ପ୍ରାୟ । ପକ୍ଷୀ ମାନଙ୍କର କାକଳି ସେମାନଙ୍କ ବସା ଅଭିମୁଖେ ଫେରୁଥିବା ସୂଚନା ପ୍ରଦାନ କରୁଥିଲା । ପଶ୍ଚିମ ଦିଗରେ ସୂର୍ଯ୍ୟ ଦେବ ଙ୍କ ଅସ୍ତାଚଳ ଗମନ ଜନିତ ରକ୍ତିମ ଆଭା ଚତୁର୍ଦ୍ଦିଗ ବିଛେଇ ହୋଇ ଧରାପୃଷ୍ଠକୁ ରଙ୍ଗୀନ ରଙ୍ଗମଞ୍ଚ ର ଭ୍ରମ ସୃଷ୍ଟି କରୁଥିଲା । ଗ୍ରାମ ଆଉ କିଛି ବାଟ ଅଛି କି ନାହିଁ ହଠାତ୍ ଗଙ୍ଗାଧର ଅସୁସ୍ଥ ଅନୁଭବ କଲେ । ଗୋପାଳ ପାଖରେ ପହଞ୍ଚି ଗଲେ ସବୁକିଛି ଠିକ୍ ହେଇଯିବ ଭାବି ଗୋପାଳ ମୁହଁ କୁ ମନେ ମନେ ଭାବୁଥିବା ସମୟରେ ମୁଣ୍ଡ ତାଙ୍କର ଚକ୍କର ମାରିବାକୁ ଲାଗିଲା ।"ହା ଗୋପାଳ !" କହି ତାଙ୍କ ପ୍ରାଣବାୟୁ ଉଡିଗଲା ।ଶରୀର ରାସ୍ତା କଡରେ ପଡ଼ି ରହିଲା ।ପାଖ ଗ୍ରାମର କେହି ଜଣେ ଆସି ଗଙ୍ଗାଧର ରାସ୍ତା କଡରେ ଅଚେତ ଅବସ୍ଥାରେ ପଡ଼ିଥିବା ଜଣାଇଲା । ପତ୍ନୀ ଶ୍ରୀୟା ଗୋପାଳ ଙ୍କ ମୁହଁ କୁ ଚାହିଁ ମୁଁ ଏବେ କ'ଣ କରିବି କହି କାନ୍ଦିବାକୁ ଲାଗିଲେ । ହଠାତ୍ ଏକ ଅଦ୍ଭୁତ ଘଟଣା ଘଟିଲା ।ବାଳଗୋପାଳ ସ୍ୱରୂପ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖାରବିନ୍ଦରୁ ନିଃସୃତ ହେଲା," କାନ୍ଦ ନାହିଁ ବୋଉ ।ଯାଇ ବାପାଙ୍କୁ କୁହ ଗୋପାଳ ଡାକୁଛି । ଏକଥା ଶୁଣି ସେ ଉଠି ବସିବେ । ଶୀଘ୍ର ଯାଇ ବାପାଙ୍କୁ ଡ଼ାକି ଆଣ ।"ଧନ୍ୟ ଗଙ୍ଗାଧର, ଧନ୍ୟ ତୁମର ପତ୍ନୀଙ୍କ ବାତ୍ସଲ୍ୟ ମମତା ମଧ୍ୟରେ ପ୍ରଭୁ ଭକ୍ତି ।ଆଉ ଭାବିବା ପାଇଁ ବେଳ ନଥିଲା ପତ୍ନୀ ଶ୍ରୀୟା ଙ୍କର । ସେ ଗୋପାଳ ଙ୍କୁ ଖଟରେ ଶୁଆଇ ଦେଇ ମେଲାଣି ନେଇ ପତିଙ୍କ ପାଖରେ ପହଞ୍ଚି ଗଲେ । ଗଙ୍ଗାଧର ଙ୍କ ଚାରିପାଖରେ ଲୋକ କିଛି ଘେରି ରହିଥିଲେ । ଶ୍ରୀୟା ପହଞ୍ଚିବା କ୍ଷଣି ସେମାନେ ତାଙ୍କୁ ଗଙ୍ଗାଧର ଙ୍କ ପାଖକୁ ଯିବାକୁ ରାସ୍ତା ଛାଡ଼ି ଦେଲେ । ଆଶ୍ଚର୍ଯ୍ୟର କଥା ଶ୍ରୀୟା କିଛି ନକାନ୍ଦି ଗଙ୍ଗାଧର ଙ୍କ ପାଖରେ ପହଞ୍ଚି ହାତରେ ଉଠାଇ କହିଲେ,"ଉଠ ସ୍ୱାମୀ ,ପୁଅ ଗୋପାଳ କହିଛି ଶୀଘ୍ର ଯିବାପାଇଁ ।" ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ଗଙ୍ଗାଧର ନିଦରୁ ଉଠିଲା ପରି ଉଠି ବସିଲେ । ଧୂଳି ଧୂସରିତ ଅବସ୍ଥାରେ ରାସ୍ତା କଡରେ ନିଜକୁ ଲୋକଙ୍କ ଭିଡ଼ ଭିତରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । କିଛି ନକହି ଗୋପାଳ କୁ ଏକୁଟିଆ ଛାଡି କିପରି ଆସିଲ କହି ପତ୍ନୀ ଙ୍କ ହାତ ଧରି ଗଙ୍ଗାଧର ଘରକୁ ବାହୁଡ଼ି ଗଲେ । ଲୋକ ମାନଙ୍କ ମୁହଁରେ ସେହି ଗୋଟିଏ କଥା ଶୁଣା ଯାଉଥିଲା, " ଧନ୍ୟ ଗଙ୍ଗାଧର , ଧନ୍ୟ ତୁମର ପତ୍ନୀ । ତୁମ ପ୍ରଭୁ ଭକ୍ତିର ତୁଳନା ନାହିଁ । " "ଜୟ ଜଗନ୍ନାଥ" ଧ୍ୱନିରେ କିଛି ସମୟ ପାଇଁ ସମଗ୍ର ପରିବେଶ ମୁଖରିତ ହୋଇ ଉଠିଲା ।

ଘନଶ୍ୟାମ ସାହୁ
ଆଠମଲ୍ଲିକ ରୋଡ଼, ବଇଣ୍ଡା, ଜିଲ୍ଲା – ଅନୁଗୋଳ,
ମୋବାଇଲ ନମ୍ବର – ୭୯୭୮୦୫୭୬୯୫



# ଜଞ୍ଜାଳ – ଡକ୍ଟର ଶରତ କୁମାର ଚଉଁରୀ

October 27, 2021

ପ୍ରଭୁ ଜନ୍ମ ଦେଲ ଭାରି ଭଲ କଲ
ଦେଲ କିଆଁ ଏ ଜଞ୍ଜାଳ
ଦିନ ରାତି ଖଟି ସରେନି ପାଇଟି
କିନ୍ତୁ ସରିଯାଏ ବେଳା
ସଂସାର ଜଞ୍ଜାଳେ ଅଦୃଶ୍ୟ ଅନଳେ
ହୃଦ ହୁଏ ଦଗ୍ଧିଭୂତ
ବିଚରା ସଂସାରୀ କର୍ମକୁ ଆଦରି

କ୍ଲେଶ ଲଭେ ଅପ୍ରମିତ।
ଜୀବନ ଜଞ୍ଜାଳ କରେ ଅସମ୍ଭାଳ
ପରିସ୍ଥିତି ପରିବେ ଶେ
କର୍ମ ସମ୍ପାଦନ ସାଧନେ ସମ୍ମାନ
ପ୍ରାପ୍ତିରେ ମନ ହରଷେ।
ମାନବ ଜୀବନ ଜଞ୍ଜାଳେ ଆଚ୍ଛନ୍ନ
ଅବାଞ୍ଛିତ କର୍ମମୟ
ଅସ୍ତବ୍ୟସ୍ତ ପ୍ରାଣ କରେ ଉଚ୍ଚାରଣ
ହାଏରେ ଜୀବନ ହାୟ।
ଜଞ୍ଜାଳରେ ଗତି ଜଞ୍ଜାଳରେ ମୁକ୍ତି
ଜୀବନ ଜଞ୍ଜାଳ ମୟ
ଧୈର୍ଯ୍ୟକୁ ଆୟୁଧ କରି କଲେ ଯୁଦ୍ଧ
ସୁନିଶ୍ଚିତ ହେବ ଜୟ।

ଡ.ଶରତ କୁମାର ଚଉଁରୀ
ସଂ: ଶିଶୁ ଦରବାର
ଟିଚର୍ସ କଲୋନୀ ,ପିପିଲି ,ପୁରୀ



# ଜୀବନ ପୁସ୍ତକ – କୁମୁଦିନୀ ବେହେରା

October 28, 2021



ବନ୍ଦ ହୋଇଥିବା ପୁସ୍ତକ ଜୀବନ
କିଏ ବା ଖୋଲିବ କାହିଁ,
ପ୍ରତିଟି ପୃଷ୍ଠାର ମରମ ବେଦନା
ଅଛି କେ ପଢ଼ିବା ପାଇଁ ?

ଯିଏ ବି ଖୋଲିଲା ପଢ଼ି ନ ପାରିଲା
କ୍ଷଣେ ମନଧ୍ୟାନ ଦେଇ,
ଅସ୍ଥିର ଭାବରେ ଆଖି ବୁଲାଇଲା
ଶବ୍ଦ ଗହଣରେ ଥାଇ l

କେତେ ଛନ୍ଦ ରାଗ ଅନୁରାଗ ନେଇ
ଯାହା ଅଛି ଲିପିବଦ୍ଧ,
ସବୁ ଯୁଗ ପାଇଁ ପୁସ୍ତକ ଭିତରେ
ରହିଲା ହୋଇ ଆବଦ୍ଧ l

ତନ୍ନତନ୍ନ କରି ପଢ଼ିଲା କେ ଯଦି
କିଛି ତ ବୁଝିଲା ନାହିଁ,
ଟିକି ପୁସ୍ତକର ଅସୁମାରି ସ୍ୱପ୍ନ
ବାୟୁରେ ଗଲା ମିଳେଇ l

କେହି ଖୋଜିଲେନି ପୁସ୍ତକ ଭିତରୁ
ଗହନ ଗୋପନ ଭାଷା,
ମନ-ଦରିଆର ଶବ୍ଦର ବେଳାରେ
ପ୍ରତୀକ୍ଷିତ ମନ ଆଶା l

ଯିଏ ବୁଝିଥିଲା ସୌମ୍ଯମୟ ସତ୍ତା
ସେ ମୋତେ ମିଳିଲା ନାହିଁ,
ମାଟି ମଦାଳସୀ ହୋଇ ରହିଗଲି
ଅବସୋସ ମନେ ନେଇ l

ସତେ କି ପୁସ୍ତକ ହେବ ଅକାରଣ
ନ ପାଇ କା ଅନୁଗ୍ରହ,
ଶିଳା ଶୈବାଳରେ ଲୁପ୍ତ ହୋଇଯିବ
ଆପଣାର ପରିଚୟ l

ଦିନ ଦଣ୍ଡ ମାସ ବର୍ଷ ବିତିଯାଏ
ନିର୍ବିକାରେ ମୁଁ ଚାହିଁଛି,
ଜୀବନ ପୁସ୍ତକ ପାଠ କରିବାକୁ
ପାଠକ କିଏ ଆସୁଛି !

ଅଧୀରା କରୁଛି ସମୟର ସ୍ରୋତ
ବିଧୁର ବେଦନା ନେଇ,
ଚିରଆକାଙ୍କ୍ଷିତ ଆଶା ମଉଳିବ
ଭଗ୍ନ ହୃଦୟକୁ ନେଇ l

ଗୁପ୍ତ ଅତୀତର ସୁପ୍ତ ସ୍ମୃତି ସବୁ
ରହିବ କି ଲୁପ୍ତପ୍ରାୟ,
ନବ ଅରୁଣିମା ଆସୁଛି କି ନାହିଁ
କହିବ ସବୁ ସମୟ ll

କୁମୁଦିନୀ ବେହେରା, ଅନୁଗୋଳ

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# କୃଷ୍ଣ ଦାମୋଦରମ୍ – ରଙ୍ଗନାଥ ରଥ

October 28, 2021



ପ୍ରଣମାମୋ ହୃଦି କୃଷ୍ଣ ଦାମୋଦରମ୍
ପ୍ରଣମାମୋ ହୃଦି କୃଷ୍ଣ ଦାମୋଦରମ୍ ll ୦ ll

ନବନୀରଦ ସୁନ୍ଦର ଶ୍ୟାମତନୁ
ସଦା ଚିନ୍ତୟେ ପଙ୍କଜ ପାଦଯୁଗଂ ।
ବିଶ୍ୱମଙ୍ଗଳଦାୟକ ନାରାୟଣଂ
ପ୍ରଣମାମୋ ହୃଦି କୃଷ୍ଣ ଦାମୋଦରମ୍ ll ୧ ll

ଗିରିଧାରଣ ଗୋବିନ୍ଦ ଦୀନନାଥଂ
ବେଣୁବାଦନତତ୍ପର ବାସୁଦେବଂ ।
ନନ୍ଦନନ୍ଦନ ଆନନ୍ଦକନ୍ଦ ହରିଂ
ପ୍ରଣମାମୋ ହୃଦି କୃଷ୍ଣ ଦାମୋଦରମ୍ ll ୨ ll

ଯଦୁନାୟକ ଶ୍ରୀପତି ଚକ୍ରଧରଂ
ଗୁଣସାଗର ନାଗର ରାଧାନାଥଂ ।
ପୁରୁଷୋତ୍ତମ ବିଷ୍ଣୁମନାଥନାଥଂ
ପ୍ରଣମାମୋ ହୃଦି କୃଷ୍ଣ ଦାମୋଦରମ୍ ll ୩ ll

ଦେବକୀସୁତ କେଶବ ପୀତାମ୍ବରଂ
ବର୍ହଶୋଭିତ-କୁଞ୍ଚିତ କୁନ୍ତଳକଂ ।
ଯଶୋଦାହୃଦକନ୍ଦର ରତ୍ନମୌଳିଂ
ପ୍ରଣମାମୋ ହୃଦି କୃଷ୍ଣ ଦାମୋଦରମ୍ ll ୪ ll

ବନମାଳା-ବିଭୂଷିତ ପଦ୍ମନାଭଂ
ଦୁଷ୍ଟଦାନବନାଶକ ଗୋକୁଳେଶଂ ।
ଅଚ୍ୟୁତାଽନନ୍ତ-ମାଧବ ବଂଶୀଧରଂ
ପ୍ରଣମାମୋ ହୃଦି କୃଷ୍ଣ ଦାମୋଦରମ୍ ll ୫ ll

ଗୋପୀବଲ୍ଲଭ ଶ୍ରୀଧର ମାୟାଧରଂ
ବାମେ ଶୋଭିତ ରାଧିକା ଶୁଭ୍ରତନୁଂ ।
ଜାମଳାର୍ଜ୍ଜୁନ ଭଞ୍ଜନ ଦୁଃଖହରଂ
ପ୍ରଣମାମୋ ହୃଦି କୃଷ୍ଣ ଦାମୋଦରମ୍ ll ୬ ll

ଗୀତିକାର – ଶ୍ରୀ ରଙ୍ଗନାଥ ରଥ
ବଡ଼ଗଡ଼ ବ୍ରିଟ୍, ଭୁବନେଶ୍ୱର

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ଆଣେ ସୁଖ ପସରା – ବି.ନିରୁପମା

October 29, 2021



ହେମନ୍ତର ଆଗମନେ
ପଡ଼ିଲାଣି ଶିଶିର,
ଋତୁରାଜ ଭାଇ ଇଏ
ଖରା ଶୀତ ମିଶିର ।

କ୍ଷେତମାନେ ଧାନପାଚି
କେରିକେରି ଝୁଲୁଛି,
ଚାଷୀଭାଇ ମନଟା ତ
ଆନନ୍ଦରେ ଫୁଲୁଚି ।

ଗଜଲକ୍ଷ୍ମୀ ପୂଜା ଆଉ
ଦୀପାବଳି ପରବ,
ବଡ଼ଓଷା, ମାଣବସା
ପରା ଆମ ଗରବ ।

ବୋଇତ ବନ୍ଦାଣ ସହ
ଯେ ପ୍ରଥମାଅଷ୍ଟମୀ,
ଆଣିଦିଏ ଆମ ଲାଗି
ଆନନ୍ଦର ବେଷ୍ଟନି ।

ଧିମା-ଧିମା ଖରା ସାଥେ
ଥିରିଥିରି ଶୀତଟି,
ସାଜିଥାଏ ଆମଲାଗି
ସତେ ଯେହ୍ନେ ମିତଟି ।

ଋତୁରାଜ ଭାଇ ଯେଣୁ
ଆଣେ ସୁଖ ପସରା,
ଯେତେ କହିଲେ ତା' ଗୁଣ
ରହିଯିବ ଅସରା ।

ମାମୁରିଆ, ଛେଣ୍ଡିପଦା, ଅନୁଗୋଳ ।

ପଢନ୍ତୁ >>   କ୍ଷୁଦ୍ରଗଳ୍ପ   କବିତା   ପ୍ରବନ୍ଧ   ଉପନ୍ୟାସ   ଅନ୍ୟାନ୍ୟ

# ଦଣ୍ଡେ ରହିଯାଅ – ପ୍ରମୋଦ କୁମାର ମହାନ୍ତି

October 29, 2021

ଯେତେବେଳେ ମନ ଓ ହୃଦୟ
ମଧ୍ୟରେ ନାହିଁ ତ ସମନ୍ୱୟ
ମନ ତ୍ରସ୍ତ, ହୃଦୟ ଅଥୟ
ଧ୍ୟାନ ଦିଅ: ଦଣ୍ଡେ ରହିଯାଅ ll

ମନ ଚାହେଁ ସୁଯୋଗ ସୁବିଧା
ତା' ସ୍ୱାର୍ଥରେ ନ ଆସିବ ବାଧା
ହୃଦୟର ଗହଣା ବିବେକ
ବିଚାର ତାହାର ନୀରପେକ୍ଷ ll

ମନ ସଦା ଅସ୍ଥିର ଚଞ୍ଚଳ
ଭାବନାରେ ନାହିଁ ଥଳ କୂଳ
ଦୃଢ଼ ନୁହେଁ ନୀତି ଓ ଆଦର୍ଶ
ଆବେଗ ଓ ଆବେଶର ଦାସ ll

ହୃଦୟ ତ ସ୍ୱଚ୍ଛ ସରୋବର
ନିର୍ମଳ ଭାବନା ସୁବିଚାର
ସକାରାତ୍ମକ ଯେତେକ ଶକ୍ତି
ପ୍ରତିଫଳିତ ହେଉଥାଆନ୍ତି ll

ମନ ଯେବେ ହେବ ଧ୍ୟାନମଗ୍ନ
ହୃଦୟ ସହ ହେବ ସଂଲଗ୍ନ
ରହିବନି ବାଧା ଅନ୍ତରାୟ
ମଧୁର ହେବ ସେ ସମନ୍ୱୟ ll

ମନ ହୃଦୟ ହେଲେ ଏକତ୍ର
ଖୋଲିଯିବ ଦରଜା ବିଚିତ୍ର
ସଂହତି ସମନ୍ୱୟର ସ୍ୱର
କରିଦେବ ଦ୍ୱିଧା ଦ୍ୱନ୍ଦ୍ୱ ଦୂର ll

ଯେ ପର୍ଯ୍ୟନ୍ତ ଥିବ ତକରାଳ
ମନ ହୃଦୟ ମଧ୍ୟେ କନ୍ଦଳ
କର ନାହିଁ ନିଷ୍ପତ୍ତି ନିର୍ଣ୍ଣୟ
ଧ୍ୟାନ ଦିଅ: ଦଣ୍ଡେ ରହିଯାଅ ll

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ଶରତକାଳୀନ ପ୍ରକୃତି ଶୋଭା – କଳ୍ପନା ରାଉତ

October 31, 2021

ବର୍ଷାଋତୁ ଶେଷ ଶରତ ପ୍ରବେଶ
ମରତ ଲାଗେ ମନୋହର,
ଶରତକାଳୀନ ପ୍ରକୃତିର ଶୋଭା
ଅତ୍ୟନ୍ତ ମନମୁଗ୍ଧକର
" ନିର୍ମଳ" ଆକାଶରେ ଶୁଭ୍ର ବାଦଲ,
ମାତା ଆଗମନୀ ସଙ୍ଗୀତ ଶୁଣାଏ
ନଦୀ ପଠାରେ କାଶ ଫୁଲ ।।୧

ଧବଳ ବଉଦ ସହ ବକପଙ୍କ୍ତି
ଉଡ୍ଡିୟମାନ ଦୃଶ୍ୟାୟିତ,
ଦର୍ଶନରେ କବି ଭାବୁକର ମନ
ଆନନ୍ଦେ ହୁଏ ଆହ୍ଲାଦିତ,
" ନିଷ୍ପ୍ରାଣ " ବନାନୀରେ ନୂତନ ପ୍ରାଣ,
ସଞ୍ଚାରିତ ହୋଇ ପ୍ରକୃତି ସୌନ୍ଦର୍ଯ୍ୟ
ବଢାଇ ଥାଏ ଶତଗୁଣ ।।୨

ବିହଙ୍ଗଗଣ ଙ୍କ କଳଧ୍ୱନି କରେ
ଦିଗ୍ବଳୟକୁ ମୁଖରିତ,
ଜଳ ଦର୍ପଣରେ ଶୁଭ୍ର ମେଘ ଛବି
ମନକୁ କରେ ଆନ୍ଦୋଳିତ,
"ସରସୀ" ସ୍ୱଚ୍ଛ ନୀଳ ଜଳ ବକ୍ଷରେ,
ସବିତା ସଙ୍ଗିନୀ ଶତଦଳ ଖେଳେ
ଦୀନକର କର ସ୍ପର୍ଶରେ ।।୩

ଶୁଭ୍ର କାଶତଣ୍ଡୀ ମରୁତହିଲ୍ଲୋଳେ
ଦୋଳାୟିତା ନଦୀପଠାରେ,
ହରିତାୟମାନ ଶୋଭା ବିମଣ୍ଡିତ
ଧାନ୍ୟ ଯେ କେଦାରେ କେଦାରେ,
" ବନ୍ଧୁଲି" କୁସୁମର ଲୋହିତ ଆଭା,
କାନନେ କାନନେ ଅପରାଜିତାର
ମନହାରିଣୀ ବର୍ଣ୍ଣ ବିଭା ।।୪

ଭ୍ରମର ମାନଙ୍କ ଶଙ୍ଖ ନିନାଦରେ
ପ୍ରଜାପତିର ପଟୁଆର,
ଜ୍ୟୋସ୍ନା ବିଧଉତ ରଜନୀରେ ପୁଣି
ମାଦକ ମାଳତୀ ଫୁଲର,
" ମନୋଜ୍ଞ" ଶାରଦୀୟ ପୁଷ୍ପ ସମ୍ଭାର,
ଅପରାଜିତା,ଅଗସ୍ତି, ପଦ୍ମ କଇଁ
ଗଙ୍ଗଶିଉଳୀ ଓ ଟଗର ।।୫

ସନ୍ଧ୍ୟା ଆଗମନେ ଚନ୍ଦ୍ର ଉଦୟନ
ବସୁନ୍ଧରା ଚନ୍ଦ୍ରାଲୋକିତ,
କାନନେ କୁସୁମ ହୁଏ ପୁଲକିତ
ମକରନ୍ଦ ଯେ ଶିହରିତ,
" ମାଳତୀ " ଶେଫାଳି ପୁଷ୍ପର ବାସନା
ମୃଦୁ ମରୁତରେ ବାସ୍ନାୟିତ କରେ
ଆଘ୍ରାଣେ ଚିତ୍ତ ଆନମନା ।।୬

ନୀଳ ସରୋବରେ ଢେଉ ସାଥେ ମିଶି
ନାଚେ ଅସଂଖ୍ୟ ନୀଳକଇଁ,
ଜ୍ୟୋସ୍ନା ଅଭିଳାଷେ ଶରଦ ଚନ୍ଦ୍ରକୁ
ଅପଲକରେ ରହେ ଚାହିଁ,
" କମଳ" ଅବଚେତନ ହେଲା ପରେ,
ଜାଗିଉଠେ ପ୍ରଫୁଲ୍ଲ ଚିତ୍ତେ କୁମୁଦ
ଚନ୍ଦ୍ରକୁ ଦେଖି ନଭ କୋଳେ ।।୭

ସନ୍ଧ୍ୟାର ଆଗମେ ଶରତ ଆକାଶେ
ଛାୟାପଥ ଶୋଭା ପସରା,
ନଭମଣ୍ଡଳରେ ପ୍ରଦୀପ ସଦୃଶ
ଦର୍ଶିତ ଅଗଣିତ ତାରା
" ନକ୍ଷତ୍ର" ରୋଷଣୀ ଯେ ଛାୟାପଥର,
କବି ମନେ ଜାଗିଉଠେ ଉନ୍ମାଦନା
ଉନ୍ମେଷ ତାର କବିତ୍ବର ।।୮

ଶରତ କାଳୀନ ପର୍ବ ଜନ୍ମାଷ୍ଟମୀ
ଗଣେଶ ବିଶ୍ବକର୍ମା ପୂଜା,
ଖୁଦୁରୁକୁଣୀ,ସୁନିଆଁ,ଜହ୍ନିଓଷା ଦ୍ଵିତୀୟା ଓଷା,ଦୁର୍ଗାପୂଜା
" କୁମାର " ପୂର୍ଣ୍ଣିମା କାର୍ତ୍ତିକେୟ ଜନ୍ମ,
ସ୍ବଚ୍ଛ ଶୋଭନୀୟ ଶରତ ପ୍ରକୃତି
ମଞ୍ଜୁଳମୟ ମନୋରମ ।।୯

ବ୍ରହ୍ମପୁରା, ବାଙ୍କି, କଟକ

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ଛଳନା – ସିଦ୍ଧେଶ୍ୱର ତ୍ରିପାଠୀ

October 31, 2021

ତୁମ ପାଖରେ କ'ଣ ଖାସ୍ ଥିଲା
ମୁଁ ଜାଣିନି
ତୁମେ କିନ୍ତୁ ଭଲ ଲାଗ ମୋତେ
କେତେ ଭଲ ଲାଗ
ଏ ସମାଜ କହିପାରିବନି
କହିଲେ କହିବେ
ଏ ସଂସାରେ ଦିନରାତି କରୁଛନ୍ତି ଯିଏ ।

ନଦେଖିବି ତୁମକୁ ଆଖିରେ
ମୁଁ ହଜେଇଥିଲି ମନ
ଭିଜେଇଥିଲି ଆଖି
ମନେମନେ କିଣିଥିଲି ସୁନାର ଫରୁଆ।

ହୋଇଥିଲି ମୋହଗ୍ରସ୍ତ
ଯୌବନରେ କାମିନୀ ଆସକ୍ତ
ଦେଖି ନଥିଲି ଛୁଇଁନଥିଲି ତୁମକୁ
କରିଥିଲି ପ୍ରେମିକ ମନର କିଛି ଭାବବ୍ୟକ୍ତ ।

ତୁମେ ମୋ ପାଇଁ ହଜି ଥିଲ ଭିଜିଥିଲ ସିଝିଥିଲ
କଥାରେ କଥାରେ
ମୋର କିନ୍ତୁ ସମଦଶା ଥିଲା ଯାହା
ଖାଲି ବାସ୍ତବରେ ।

ଦେଖାହେଲା ଥରେ
ଭିଜିଗଲା ଆଖି ଗୋଟେ ଅପୂର୍ବ ଖୁସିରେ
ଛୁଇଁବାତ ଦୂରେ ଥାଉ
କିଛି କହିପାରିଲିନି
ଭାବ ଆବେଗ ଆଉ ଅନୁରାଗରେ ।

ମୁଁ କିଣି ଥାଆନ୍ତି ନାଲିଜରିପାଟ
ଦିପଟ ଶଙ୍ଖା ଟୋପାଏ ସିନ୍ଦୁର

ବାଲିଘର ଧୋଇଗଲା ପରି
ଧୋଇଗଲା ମୋର ସବୁ ଆଶା
ହଜିଗଲା ସ୍ୱପ୍ନ
ତୁମର ସେ ପଦିଏ କଥାରେ

ସେବେଠୁ
ତୁମେ ନୂଆ ଠିକାଣାରେ
ମୁଁ ବିରହ ରାଜ୍ୟରେ

ସିଦ୍ଧେଶ୍ବର ତ୍ରିପାଠୀ, କୁଣ୍ଡିଲୋ, କେରଙ୍ଗ, ଖୋରଧା



# ଜିଅନ୍ତା ଶବ – ସରିତା ମହାନ୍ତି

October 31, 2021

ପ୍ରାଣେ ପ୍ରାଣ ଥାଇ ଜିଅନ୍ତା ଶବଟି
ନପାରେ ଯାଇ ମଶାଣି
ଜୀବନ ଯୁଦ୍ଧରେ ବେଲାଳସେନ ସେ
ସତ୍ୟକୁ ଭାବେ କାହାଣୀ।

କେବେ ସେ ଅହଲ୍ୟା କେବେ ସେ ସାବିତ୍ରୀ
କେବେ ସତେକି ସେ ସୀତା
ସଫଳତା ସିଢ଼ି ଯାଏ ଚଢ଼ି ଚଢ଼ି
ନାରୀ ସେ ଅପରାଜିତା।

ସତ୍ୟ ନ୍ୟାୟ ଧର୍ମ ପଥରେ ପଥିକ
କେତେବେଳେ ସେ ଗାନ୍ଧାରୀ
ଚେଷ୍ଟାରେ ବିଫଳ ପିଏ ସେ ଗରଳ
ସେତ କଳି ଯୁଗ ନାରୀ।

ଜୀବନେ ସଂଘର୍ଷ ମୁଖେ ରଖି ହସ
କଣ୍ଟାକୁ ଭାବେ ସେ ଫୁଲ
ଜିଅନ୍ତା ଶବ ସେ ସମାଜ ଆଖିରେ
ଖୋଜୁଛି ମମତା ମୂଲ।

ଅଦିନେ ଅମ୍ବିକା ପୂଜି ଥିଲେ ରାମ
ଜୀବନ ଦୁର୍ଦ୍ଦଶା ପାଇଁ
ଭକତିରୁ ଶକ୍ତି ପାଇଥିଲେ କୁନ୍ତୀ
ପାଞ୍ଚ ପୁତ୍ର ସଙ୍ଗେ ନେଇ।

ସଭିଙ୍କ ଜୀବନି ପାଥେୟ କରି ସେ
ପାଲଟେ ଜିଅନ୍ତା ଶବ
ଶକ୍ତି ସ୍ୱରୂପିଣୀ ପାଇଁ ପୂଜାରିଣୀ
ରଖେ ସମର୍ପିତ ଭାବ।

ସରଳ ଜୀବନ ହୋଇଲା ଜଟିଳ
ପାଲଟେ ଜିଅନ୍ତା ଶବ
ଛ’ ଖଣ୍ଡ କାଠର କୋକେଇ ତା’ ପାଇଁ
ଦିନେ ନିଅଣ୍ଟ ହୋଇବ।

ଦିଏ ନା ପାଉଣା ତ୍ୟାଗୀର ତ୍ୟାଗକୁ
ଦେଖାଇ ମିଛ ବାହାନା
ମିଛ ଦୁନିଆରେ କରି ଅଭିନୟ
ନାରୀରୁ ସାଜେ ଖେଳନା।

ମହୁ ମାଛି ଠାରୁ ମହୁ ଶୋଷି ନେଇ
ତା’ ବଂଶ କରନ୍ତି ନାଶ
କ୍ଷତି ପରେ କ୍ଷତି କରନ୍ତି ଅନ୍ୟର
ପଶ୍ଚାତପ ନାହିଁ ଲେଶ।

କୃଷକ ପାଏନା କୃଷିର ପାଉଣା
ଶବର କି ଅବା ଲୋଭ
କାଟି ସଫା କରେ ବଣ ଜଙ୍ଗଲକୁ
ମନରେ ରଖି ନ କ୍ଷୋଭ।

ନିରେଖି ଦେଖିଛି ଜୀବନକୁ ତା'ର
ଶବର ଅଛି ଜୀବନ
ଭଲ ମଣିଷର ସଞ୍ଜ୍ଞା ଖୋଜି ଆଜି
ସତେ କି ହେଲା ପାଷାଣ ।

ସୁରୁଜ ପବନ ଜଳ ଠାରୁ ଶକ୍ତି
ନାହିଁ ସଂସାରେ କାହାରି
ନିଜକୁ ବଳୁଆ ଭାବିଲା ଯେ ଦିନୁ
ସମସ୍ୟା ରହିଲା ଘେରି।

ହୋଇ ସେ ପଥର ଖାଉଛି ପ୍ରହାର
ଜୀବ ହୋଇ ସେ ନିର୍ଜୀବ
ସଭିଙ୍କ ହାତରେ ସାଜିଛି କଣ୍ଢେଇ
ସେ ପାଇଁ ଜିଅନ୍ତା ଶବ।

ଶବ ହୋଇ କେବେ ଷୋଳ ଶୃଙ୍ଗାରରେ
ମଶାଣି ଥାନ୍ତା କୋଳେଇ
ଅହ୍ୟ ଡେଙ୍ଗୁରାବି ଦିଅନ୍ତା ଖବର
ସଧବା ଆସନ୍ତେ ଧାଇଁ।

ମରୀଚିକା ପଛେ ଧାବମାନ କରି
ମେଣ୍ଟିଲାନି ଷୋଶ ତା'ର
ଶବ ବଦଳରେ ଜିଅନ୍ତା ଶବଟି
ହୁଏ ଶ୍ରେଷ୍ଠ କଳାକାର।

ବନ୍ଧନରୁ ମୁକ୍ତ ହୋଇ ସେ ନପାରି
ଛନ୍ଦିଛି ମାୟା ବନ୍ଧନ
ଅଣ ନିଃଶ୍ବାସରେ ଜିଅନ୍ତା ଶବ ସେ
ଡାକେ ରଖ ନାରାୟଣ।

ମାଗେ ଆଶୀର୍ବାଦ ଗଣି ସେ ପ୍ରମାଦ
ଆସୁ ବିଦାୟ ଲଗନ
ଗୁରୁ ଗୁରୁ ଜନ ଇଷ୍ଟ ଭଗବାନ
କିଆଁ ବସିଛ ମାଉନ୍?

ଜିଅନ୍ତା ଶବର ଅପେକ୍ଷା ହିଁ ସାର
ଚିତ୍ରଗୁପ୍ତଙ୍କ ଡାକରା
ସମସ୍ୟାର ସବୁ ହେବ ସମାଧାନ
କୋଳେଇବ ବସୁନ୍ଧରା ।

କବି ଭାରତୀ ସରିତା ମହାନ୍ତି
ବାଲିଆପାଳ, ବାଲେଶ୍ୱର